## ସଂକ୍ଷେପରେ

### ବଜ୍ରପାତରେ ଖଣି କର୍ମଚାରୀ ମୃତ

ତାଳଚେର,୨୯।୯(ନି.ପ୍ର.)- ତାଳଚେର ସ୍ଥିତ ଭରତପୁର କୋଇଲା ଖଣିର ଜଣେ କର୍ମଚାରୀ ଅଜୟ୍ କୁମାର ସାହୁ(୨୫)ଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ତାଙ୍କ ଘର ତାଳଚେର ବ୍ଲକ ବେଲପଡା ଗ୍ରାମରେ। ସକାଳେ ସେ ବାଇକ ଯୋଗେ ଖଣିକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ହିଲୋଇ ଗ୍ରାମ ଓଭରହେଡ ପାଣି ଟାଙ୍କି ନିକଟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ତାଳଚେର ପୋଲିସ ସେଠାରେ ପହଞ୍ଚି ଅନୁଧାନ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ବଣ୍ଡରପାଳ, ୨୯।୯(ଡି.ଏନ.ଏ.)- ବଣ୍ଡରପାଳ ବ୍ଲକ ନାଲ୍କୋ ଆଦର୍ଶ ବିହାରଠାରେ ଦୁର୍ଗାପୂଜା ପାଳନ ନିମନ୍ତେ ରବିବାର ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ଏଥିରେ ଆଲୋଚନା କରାଯାଇଥିଲା। ନବମୀ ବ୍ରତ ପାଳନ ସହ ଦେବୀଙ୍କ କିଭଳି ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯିବ ସେ ନେଇ କର୍ମକର୍ତ୍ତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଜେନା, ରିଣ୍ଟୁ ସିଂ, ଜ୍ଞାନେନ୍ଦ୍ର ଅମାନ୍ତ, ଅଶ୍ୱିନୀ ରାଉତ, ବିଭବ ଜେନା, ବୁଲେସ ଜେନା, ମୁନା ସେଠ, ସୁଜିତ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ଛେଣ୍ଡିପଦା,୨୯।୯(ସ୍ୱ.ପ୍ର)- ଛେଣ୍ଡିପଦା ବନାଞ୍ଚଳ ବ୍ରାହ୍ମଣବିଲ ଗ୍ରାମରେ ହାତୀ ଆକ୍ରମଣରେ ରବିବାର ବେହେରା ସାହିର ପାଣ୍ଡବ ସାହୁ ଗୁରୁତର ହୋଇଛନ୍ତି। ବନବିଭାଗ ସୂତ୍ରରୁ ପ୍ରକାଶ, ସକାଳେ ଗ୍ରାମ ନିକଟସ୍ଥ ଆମ୍ବତୋଟାକୁ ଏକ ଦନ୍ତା ହାତୀ ପାଖ ଜଙ୍ଗଲରୁ ପଳାଇ ଆସିଥିଲା। ଗ୍ରାମର ବହୁ ଲୋକ ରୁଣ୍ଡ ହୋଇ ହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ। ଖବରପାଇ ବନବିଭାଗ ହାତୀ ସ୍କ୍ୱାଡ ପହଞ୍ଚି ଗ୍ରାମବାସୀଙ୍କୁ ହାତୀ ଘଉଡ଼ାଇବାକୁ ବାରଣ କରିଥିଲେ ହେଁ ଗ୍ରାମବାସୀ ଶୁଣି ନ ଥିଲେ। ସେହି ସମୟରେ ପାଣ୍ଡବ ଦନ୍ତା ହାବୁଡରେ ପଡିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ପାଣ୍ଡବଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଭାଗ ପକ୍ଷରୁ ହାତୀ ଉପରେ ନଜର ରଖାଯାଇଛି। ସକାଳେ ଓ ସନ୍ଧ୍ୟାରେ ଜଙ୍ଗଲ ଅଭିମୁଖେ ନ ଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ତଥାପି ଲୋକମାନେ ହାତୀ ଦେଖିବାକୁ ଯିବା ସହ ହାତୀ ଯାତାୟାତ ପଥରେ ଯିବା ଆସିବା କରୁଛନ୍ତି। ଫଳରେ ହାତୀ ସହିତ ସେମାନେ ମୁହାଁମୁହିଁ ହେଉଥିବା ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ

କଣିହାଁ,୨୯।୯(ଡି.ଏନ.ଏ.)-କଣିହାଁ ଥାନା ତରଫରୁ ରବିବାର ହନୁମାନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତି ସନ୍ତୋଷ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପୋଲିସ ଓ ଜନସାଧାରଣ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏସଆଇ ସ୍ମିତାଞ୍ଜଳୀ ପ୍ରଧାନ ପରିଚାଳନା କରିଥିଲେ। ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅନୁଗୋଳରେ ବିଜୁ କନ୍ୟାରତ୍ନ ଯୋଜନା ବାଟବଣା

# କମୁଛନ୍ତି ଶିଶୁ କନ୍ୟା

**ଅନୁଗୋଳ ଅଫିସ, ୨୯।୯**

**ଅନୁଗୋଳ ଜିଲା**
- ୩ ବର୍ଷରେ ଖର୍ଚ୍ଚ ୬୦ ଲକ୍ଷ
- ୮୮୯ରୁ ୮୮୩କୁ ଖସିଛି କନ୍ୟା ସଂଖ୍ୟା
- ବ୍ୟାପକ ହେଉନି ସଚେତନତା କାର୍ଯ୍ୟକ୍ରମ




ଗଞ୍ଜାମ, ନୟାଗଡ ସମେତ ଅନୁଗୋଳରେ ଶିଶୁ କନ୍ୟା ହାର କମିବାରୁ ରାଜ୍ୟ ସରକାର ୨୦୧୬ରେ ଏହି ଜିଲାରେ ଆରମ୍ଭ କରିଥିଲେ ବିଜୁ କନ୍ୟା ରତ୍ନ ଯୋଜନାର ପାଇଲଟ ପ୍ରକଳ୍ପ। ଏଥିପାଇଁ ପ୍ରତି ଜିଲାକୁ ବାର୍ଷିକ ୨୦ ଲକ୍ଷ ଲେଖାଏ ଟଙ୍କା ରାଜକୋଷରୁ ଖର୍ଚ୍ଚ ମଧ୍ୟ ହୋଇଛି। ହେଲେ ଅନୁଗୋଳ ଜିଲାରେ କନ୍ୟା ସଂଖ୍ୟା ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ହେବା ଏହି ପାଇଲଟ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ପୂର୍ବ ସଂଖ୍ୟା ତୁଳନାରେ ଲିଙ୍ଗଗତ ତାରତମ୍ୟ ବଢି ଚାଲିଥିବାରୁ ଯୋଜନା ବାଟବଣା ହୋଇଯାଇଥିବା ଅଭିଯୋଗ ଆଣିଛନ୍ତି ଜିଲାର ବୁଦ୍ଧିଜୀବୀମାନେ।

୨୦୧୧ ଜନଗଣନା ଅନୁଯାୟୀ ଅନୁଗୋଳରେ ୧ ହଜାର ପୁଅରେ ୮୮୯ ଶିଶୁ କନ୍ୟା ରହିଥିଲେ। ହେଲେ ଏବେ ଶିଶୁକନ୍ୟା ସଂଖ୍ୟା ୮୮୩ରେ ପହଞ୍ଚିଥିବା ପିଏନ୍‌ଡିଟି ଦାୟିତ୍ୱରେ ଥିବା ପର୍ଶୁରାମ ପଣ୍ଡା ସୂଚନା ଦେଇଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ଶିଶୁକନ୍ୟା ହାର କମିବାକୁ ନେଇ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବାଳିକା ଓ ମହିଳା ନୀତି ୨୦୧୪ ଅନୁଯାୟୀ ବାଳିକାମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଲିଙ୍ଗଗତ ପକ୍ଷପାତିତା ଦୂର କରିବା, ସାମାଜିକ ବ୍ୟବହାରରେ ପରିବର୍ତ୍ତନ ମାଧ୍ୟମରେ କିଶୋରୀମାନଙ୍କୁ ସଶକ୍ତ କରିବା, ସେମାନଙ୍କ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ରାଜ୍ୟ ସରକାର ୨୦୧୬ରେ ବିଜୁ କନ୍ୟା ରତ୍ନ(ଆମ କନ୍ୟା ଆମ ରତ୍ନ) ଯୋଜନା ଆରମ୍ଭ କରିଥିଲେ। କନ୍ୟାଭ୍ରୂଣ ହତ୍ୟା ରୋକିବା, ଶିଶୁ କନ୍ୟା ଜନ୍ମ ହେବା ପରେ ସେମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଅନ୍ୟମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା, କନ୍ୟା ଶିଶୁ ବଞ୍ଚି ରହିବା, ଲିଙ୍ଗ ନିରୂପଣ ରୋକିବା, କନ୍ୟା ସନ୍ତାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, ନିରାପତ୍ତା ଆଦି ସୁନିଶ୍ଚିତ କରିବା। ଇତି ମଧ୍ୟରେ ଯୋଜନାର ସମୟ ସୀମା ଶେଷ ହୋଇଥିଲେ ଏହା ଲକ୍ଷ୍ୟ ହାସଲ କରିବାରେ ସଫଳତା ପାଇ ନ ଥିବା ଅଭିଯୋଗ ହେଉଛି। ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଆରମ୍ଭରୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖା ଯାଇଥିଲେ ମଧ୍ୟ ପରେ ତାହା ଶିଥିଳ ପଡିଯାଇଥିଲା। ଜିଲାପାଳଙ୍କ ନେତୃତ୍ୱରେ ୮ଟି ବ୍ଲକର ବିଡିଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ଅଧିକାରୀ, ବ୍ଲକ ପୋଗ୍ରାମ ମ୍ୟାନେଜର, ଡାକ୍ତର ଓ ଡାକ୍ତରଖାନା କର୍ମଚାରୀ ପ୍ରମୁଖଙ୍କୁ ନେଇ ଜିଲାରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ୩ ବର୍ଷ ମଧ୍ୟରେ ୨୦ ଲକ୍ଷ ଲେଖାଏ ମୋଟ ୬୦ ଲକ୍ଷ ଟଙ୍କା ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବାକୁ ମଞ୍ଜୁର ହୋଇଥିଲା। ହେଲେ ୩ ବର୍ଷ ମଧ୍ୟରେ ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାରେ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ଆସିଛି। ଯୋଜନାରେ ଜିଲାର ୧୩୦ଟି ଉଚ୍ଚ ବିଦ୍ୟାଳୟ ଏବଂ ୮ଟି ବ୍ଲକର ଗୋଟିଏ ଲେଖାଏ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଯୋଜନାର ନୋଡାଲ ଅଫିସର ସୂଚନା ଦେଇଛନ୍ତି। ଗାଁ କଲ୍ୟାଣ ସମିତିର ୧୫ ଶହରୁ ଊର୍ଦ୍ଧ୍ୱ ସଦସ୍ୟ, ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ଆଶା ଓ ଅଙ୍ଗନୱାଡି ଦିଦିଙ୍କୁ ସଚେତନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୮୦ ଜଣ ଝିଅଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୭ରେ ଆଶାକର୍ମୀଙ୍କୁ ଲଗାଯାଇ ଘର ଘର ସର୍ଭେ କରାଯିବା ପରେ ଶିଶୁ କନ୍ୟା ସଂଖ୍ୟାରେ ବୃଦ୍ଧି ଘଟିଥିବା ସେତେବେଳେ କୁହାଯାଇଥିଲା। ହେଲେ ଏବେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଛି। ଏପରି କି ୩ ବର୍ଷ ମଧ୍ୟରେ ଜିଲାରେ ଲିଙ୍ଗ ନିରୂପଣ କରିବା ଅଭିଯୋଗରେ ଜଣେ ହେଲେ ବି ଧରାପଡି ନ ଥିବା ଜଣାପଡିଛି। ଲୋକେ ଜିଲା ବାହାରେ ଯାଇ ଲିଙ୍ଗ ନିରୂପଣ କରୁଥିବାରୁ ସେମାନଙ୍କୁ ଧରିବା କଷ୍ଟକର ବ୍ୟାପାର ବୋଲି ଜିଲାର ଅଧିକାରୀମାନେ ସଫେଇ ଦେଇଛନ୍ତି। ତେଣୁ ପ୍ରକଳ୍ପ ଏବଂ ଏହା ଅଧୀନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ କେତେ ସଫଳ ହୋଇଛି ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବିଜୁ କନ୍ୟା ରତ୍ନ ଯୋଜନାର ଅନୁଗୋଳ ନୋଡାଲ ଅଫିସର ଗୌରୀଶଙ୍କର ବେହେରା କହିଛନ୍ତି, ଲୋକଙ୍କୁ ସଚେତନ କରାଯାଇଛି। ଲୋକେ ସଚେତନ ହେଲେ ହିଁ ଯୋଜନା ସଫଳ ହୋଇଥାଏ। ଏବେ ବି ଲୋକଙ୍କ ମାନସିକ ସ୍ଥିତିରେ ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଗୀତା ଆବୃତ୍ତି ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୨୯।୯**

ଅନୁଗୋଳ ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଛେଣ୍ଡିପଦା ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଉମେଶ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ଓ ସ୍କୁଲ ସଭାପତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରତିଯୋଗିତାରେ ୩ଟି ବର୍ଗରେ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଜ୍ଞାନ ମିଶନର ଅନୁଗୋଳର ସଦସ୍ୟ ମନୋଜ ଅଗ୍ରୱାଲ, ତୀର୍ଥବାସୀ ସାହୁ, ଜଗନ୍ନାଥ ବିଶ୍ୱାଳ ଓ କୀର୍ତ୍ତନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ ଦୁଷ୍ମନ୍ତ ନାଥ ଓ ଦିଗମ୍ବର ନନ୍ଦ ଗୀତାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ।

## ନିର୍ଯାତିତଙ୍କ ଦୁଃଖ ବୁଝିଥିଲେ ବିଦ୍ୟାସାଗର

**ଅନୁଗୋଳ ଅଫିସ, ୨୯।୯**

ନବଜାଗରଣର ପଥିକୃତ ମହାନ୍ ମାନବତାବାଦୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ୨୦୦ତମ ଜୟନ୍ତୀ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (ଡିଆଇଡିୱାଇଓ) ଅନୁଗୋଳ ଆଞ୍ଚଳିକ କମିଟି ପକ୍ଷରୁ ସପ୍ତାହବ୍ୟାପୀ ବାରସିଂହା ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଯୁବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାସାଗରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏଥିସହ ଡିୱାଇଓ ଆଞ୍ଚଳିକ କମିଟି ସଭାପତି ଅମୂଲ୍ୟ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସଙ୍ଗଠନର ଜିଲା ସଭାପତି ବିଷ୍ଣୁ ସାହୁ ଯୋଗଦେଇ କହିଲେ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଭାରତରେ ଧର୍ମୀୟ କ୍ରୁରତା ଓ ରଢ଼ିବାଦୀ ଚିନ୍ତାଧାରା ଦ୍ୱାରା ନିର୍ଯାତିତ ଲୋକଙ୍କ ଦୁଃଖ ବୁଝିବାରେ ସକ୍ଷମ ହୋଇଥିଲେ। ବାଲ୍ୟବିବାହ, ବହୁବିବାହ, ଜାତିଭେଦ ଭଳି କୁତ୍ସିତ ପରମ୍ପରା ବିରୋଧରେ ସଂଗ୍ରାମ କରି ସମାଜରେ ଏକ ନୂତନ ଜାଗରଣ ଆଣିଥିଲେ। ତେଣୁ ଆମେ ତାଙ୍କ ନୀତିକୁ ଅନୁସରଣ କରିବା ଉଚିତ ବୋଲି ସେ କହିଥିଲେ। ଡିୱାଇଓ ଆଞ୍ଚଳିକ କମିଟି ସମ୍ପାଦକ ନିରଞ୍ଜନ ନାୟକଙ୍କ ସମେତ ସଙ୍ଗଠକ ଆଶିଷ ସାହୁ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗୋଳରେ ଓସିଏ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

# 'ଏକାଡେମୀ ଭିତ୍ତିଭୂମି ବିକାଶ ମୁଖ୍ୟ ଦାୟିତ୍ୱ'

**ଅନୁଗୋଳ ଅଫିସ, ୨୯।୯**


ଓସିଏ ଉପସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଅନୁଗୋଳ ଟ୍ରକ ଆସୋସିଏଶନ୍ ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ନବନିର୍ବାଚିତ ଉପସଭାପତି ଅକ୍ଷୟ କୁମାର ସାମନ୍ତଙ୍କୁ ରବିବାର ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରକ ଆସୋସିଏଶନ୍ ସଭାପତି ବିଭୂତି ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାକୁ ସଂଗ୍ରାମ ରଞ୍ଜନ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ସାମନ୍ତ କହିଥିଲେ ଯେ, ଭଗବାନଙ୍କ ଆଶୀର୍ବାଦରୁ ଏହି ପଦବୀ ମିଳିଛି। ଅନୁଗୋଳରେ କ୍ରିକେଟ ଏକାଡ଼େମୀ କରିବା ସହ ଏହାର ଭିତ୍ତିଭୂମି ବିକାଶ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଅନୁଗୋଳ ସହ ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ସୋନପୁର ଓ କେନ୍ଦୁଝରର ପ୍ରତିଭାଙ୍କୁ ନେଇ ଏହି ଏକାଡେମୀ ଚାଲିବ ବୋଲି ସେ କହିଥିଲେ। ଏକାଡେମୀ ପାଇଁ ଆବଶ୍ୟକ ଜାଗା ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି, ବିଧାୟକ, ଏମ୍‌ପି, ପ୍ରଶାସନ ଓ କ୍ରୀଡ଼ାପ୍ରେମୀଙ୍କ ସହଯୋଗ ଲୋଡାଯିବ। ଗ୍ରାମାଞ୍ଚଳଠାରୁ ସବୁସ୍ତରରେ ପ୍ରତିଭାଙ୍କୁ ଅନ୍ୱେଷଣ କରାଯିବ। ପୂର୍ବରୁ ଅନୁଗୋଳରେ ଗୋଟିଏ ମାତ୍ର ରଣଜୀ ମ୍ୟାଚ ଖେଳାଯାଇଥିଲା। ଏହାପରେ ଆଉ ଅନୁଗୋଳରେ ସେଭଳି କୌଣସି ଜାତୀୟ ମ୍ୟାଚ ଆୟୋଜନ କରାଯାଇ ନାହିଁ। ଅନୁଗୋଳରେ ରାଜ୍ୟ ଓ ଜାତୀୟ ସ୍ତରର ମ୍ୟାଚ କରିବାକୁ ଉଦ୍ୟମ କରାଯିବ ବୋଲି ଉପସଭାପତି ସାମନ୍ତ କହିଛନ୍ତି। ସଭାରେ ଟ୍ରକ ଆସୋସିଏଶନ ସଭାପତି ଦାସଙ୍କ ସହ ଉପସଭାପତି ପ୍ରମୋଦ କୁମାର ପ୍ରଧାନ, ଅଶୋକ କୁମାର ଦଳବେହେରା, ଉପଦେଷ୍ଟା ସତ୍ୟାନନ୍ଦ ଦଳବେହେରା, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ସାମଲ, ଉତ୍ପଳ କୁମାର ଦାସ, ସରୋଜ କୁମାର ସାହୁ, କୋଷାଧକ୍ଷ ପ୍ରସନ୍ନ କୁମାର ପାଢ଼ୀଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ବୃଦ୍ଧା ମୃତ

**ଛେଣ୍ଡିପଦା,୨୯।୯(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ବିଦେଶୀ ନାଏକଙ୍କ ସ୍ତ୍ରୀ ଲୀଳାବତି ନାଏକ(୬୦)ଙ୍କ ମୃତ୍ୟୁ ହୋଇଛି। ଲୀଳାବତି ଅପରାହ୍ନରେ ଘରୁ ବାହାରି ପଡିଶା ଘରକୁ ଯାଉଥିବାବେଳେ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧରି ପକାଇଥିଲେ। କୌଣସି କାରଣବଶତଃ ଖୁଣ୍ଟ ଚାର୍ଜ ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## କନ୍ୟାଭ୍ରୂଣ ହତ୍ୟା ରୋକିବାକୁ ଗୁରୁତ୍ୱ



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

**ବଇଣ୍ଡା,୨୯।୯(ଡି.ଏନ.ଏ.)**

ଜିଲାରେ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯାହା ଆଗାମୀ ଦିନରେ ଏକ ବଡ଼ ସମସ୍ୟା ହୋଇ ଉଭାହେବ। ଏ ଦିଗରେ ସମସ୍ତ ମା' ବାପା ସଚେତନ ହେବା ସହ କନ୍ୟାଭ୍ରୂଣ ହତ୍ୟା ରୋକିବା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗ୍ରାମରେ ଓଡ଼ିଶା ଜୀବିକା ମିଶନ ଓ ୟୁନିସେଫ ମିଳିତ ସହଯୋଗରେ ଆୟୋଜିତ ସାମାଜିକ ସଚେତନତା ଶୋଭାଯାତ୍ରାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ସଭାନେତ୍ରୀ କଳ୍ପନା ବିଶ୍ୱାଳ, ସମ୍ପାଦିକା ପ୍ରମିଳା ସାହୁଙ୍କ ନେତୃତ୍ୱରେ ବହୁ ମହିଳା ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। କମ୍ ବୟସରେ ଝିଅମାନଙ୍କୁ ବିବାହ ନ କରିବା, ସମସ୍ତ ଶିଶୁଙ୍କୁ ବିଦ୍ୟାଳୟ ପଠାଇବା, ପଲିଥିନ ବ୍ୟବହାର ନ କରିବା ଆଦି ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ପ୍ରଧାନ, ସାମାଜିକ କର୍ମୀ ଚିତ୍ତରଞ୍ଜନ ଜେନା, କବିତା ସ୍ୱାଇଁ, ସରୋଜିନି ସାହୁ, ଝରଣା ସାହୁ, ରଶ୍ମିତା ସାହୁ, କବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବବିତା ନାୟକ, ସେବତୀ ସାହୁ, ସସ୍ମିତା ସାହୁ, ସବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

**କଣିହାଁ, ୨୯।୯(ଡି.ଏନ.ଏ.)**



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଏଆଇୟୁଟିୟୁସି ଏବଂ ଏଆଇପିଏଫ ସହବନ୍ଧିତ ଅନୁଗୋଳ ଡିଷ୍ଟ୍ରିକ ପିଜିସିଆଇଏଲ ୱାର୍କର୍ସ ୟୁନିୟନ ଉଦ୍ୟମରେ କଣିହାଁ ବ୍ଲକ ଗଦାଶିଳାସ୍ଥିତ ୟୁନିୟନ ଅଫିସଠାରେ ଜିଲାସ୍ତରୀୟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଅନ୍ୟତମ ବକ୍ତା ଭାବେ ୟୁନିୟନର ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ଶ୍ରମ ଆଇନକୁ ୪ଟି ଲେବର କୋଡ଼ରେ ବିଭକ୍ତ କରିବା, ପିଜିସିଆଇଏଲରେ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି ମାସିକ ୨୧ ହଜାର ଟଙ୍କା, ଶ୍ରମିକ ଛଟେଇ ବନ୍ଦ କରିବା ଆଦି ଦାବି କରାଯାଇଥିଲା। ପିଜିସିଆଇଏଲ ରେଙ୍ଗାଳି, କଣିହାଁ ଓ ଫୁଲପଡ଼ା ଷ୍ଟେଶନରେ କାର୍ଯ୍ୟରତ ଶ୍ରମିକ ପ୍ରତିନିଧିମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଭାପତି ଭାବେ ଜୟସେନ ମେହେର, ଉପସଭାପତି ବ୍ରଜବନ୍ଧୁ ସାହୁ, ରେଙ୍ଗାଳି ଷ୍ଟେଶନର କୈଳାସ ମାଝି, କଣିହାଁ ଷ୍ଟେଶନର ନୀଳାମ୍ବର ସାହୁ ଓ ଫୁଲପଡ଼ା ଷ୍ଟେଶନରୁ କାର୍ତ୍ତିକେଶ୍ୱର ଗଡ଼ନାୟକ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କୁ ନେଇ ଏକ ୧୮ ଜଣିଆ କମିଟି ଗଠନ କରାଯାଇଥିଲା।

## ସାପ କାମୁଡ଼ାରେ ଯୁବକ ମୃତ

**ଅନୁଗୋଳ ଅଫିସ, ୨୯।୯**

ଅନୁଗୋଳ ଜିଲା ବଣ୍ଡରପାଳ ଥାନା କୁସପଙ୍ଗି ଗାଁରେ ସାପ କାମୁଡ଼ାରେ ହେମନ୍ତ ନାଏକ(୨୭)ଙ୍କ ମୃତ୍ୟୁ ଘଟିଛି। ଶନିବାର ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ହେଲେ ପରିବାର ଲୋକେ ତାଙ୍କୁ ପ୍ରଥମେ ଗୁଣିଆ ନିକଟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି।




## ରେଳ ଷ୍ଟେଶନରେ ସଫେଇ କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୨୯।୯**

ଅନୁଗୋଳ ରେଳ ଷ୍ଟେଶନରେ ଶନିବାର ଅପରାହ୍ନରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଲାଏନ୍ସ ଜିଓର କର୍ମଚାରୀ ଓ ସହଯୋଗୀମାନେ ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ରେଳ ଷ୍ଟେଶନରେ ପ୍ଲାଷ୍ଟିକ ସାମଗ୍ରୀ, ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁ ସଫା କରିବା ସହ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଓଡ଼ିଶାର ପ୍ରମୁଖ ୩୧ଟି ରେଳ ଷ୍ଟେଶନ ଓ କେତେକ ବସ୍‌ଷ୍ଟାଣ୍ଡରେ ଜିଓ କର୍ମଚାରୀମାନେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରିଥିବା ଜଣାଯାଇଛି।



## ସଂକ୍ଷେପରେ

ବେଲଟିକିରି ଗୁଳିକାଣ୍ଡ ଘଟଣା

### ବନ୍ଧୁକ ଜବତ, ଅଭିଯୁକ୍ତଙ୍କ ପତ୍ତା ମିଳୁନି

**ଢେଙ୍କାନାଳ ଅଫିସ, ୨୯।୯**

ଢେଙ୍କାନାଳ ସଦର ଥାନା ବେଲଟିକିରି ଗ୍ରାମ ତଳସାହି ଗୁଳିକାଣ୍ଡ ଘଟଣାରେ ବ୍ୟବହୃତ ବନ୍ଧୁକକୁ ରବିବାର ପୋଲିସ ଜବତ କରିଛି। ଘଟଣାର ଅଭିଯୁକ୍ତ ବଡ଼ଭାଇ ଜୟନ୍ତ ବେହେରା ଓରଫ୍ ମିଲୁ ଫେରାର ଅଛନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ମିଲୁଙ୍କ ଗୁଳିମାଡ଼ରେ ସାନଭାଇ ବିଭୂତି (୩୮) ଗୁରୁତର ହୋଇଥିଲେ। ତାଙ୍କ ଛାତିର ଦୁଇ ପାର୍ଶ୍ୱ, ତଳିପେଟରେ ଗଭୀର ଆଘାତ ସୃଷ୍ଟି ହୋଇଛି। ପୋଲିସ ସହାୟତାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରବିବାର ସନ୍ଧ୍ୟା ସୁଦ୍ଧା ତାଙ୍କ ଅବସ୍ଥା ସ୍ଥିର ଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଘଟଣା ପରେ ବିଳମ୍ବିତ ରାତିରେ ଏସ୍‌ପି ଅନୁପମା ଜେମ୍‌ସ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ରବିବାର ସକାଳେ ପୋଲିସ ଗ୍ରାମରେ ପହଞ୍ଚି ଖୋଳତାଡ଼ କରିଥିଲା। ବାଇଗଣବାଡ଼ିରୁ ଗୁଳିକାଣ୍ଡରେ ବ୍ୟବହାର କରାଯାଇଥିବା ବନ୍ଧୁକ ଠାବ କରାଯାଇଥିଲା। ଘଟଣାର ୨୪ଘଣ୍ଟା ପରେ ବି ମିଲୁଙ୍କ ଟେର ମିଳୁନାହିଁ। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଏ ନେଇ ନଂ. ୩୪୦/୧୯ରେ ମାମଲା ରୁଜୁ କରାଯାଇଛି। ଏ ନେଇ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ସ୍କ୍ୱାଡ୍ ଗଠନ କରାଯାଇଛି।

### ଫେରାର ଅଭିଯୁକ୍ତଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନ, ୨୯।୯(ଡ.ଏନ.ଏ.)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭୁବନ ଥାନା କୁଣ୍ଡା ଗ୍ରାମରେ ରବିବାର ଗଣ୍ଡଗୋଳ ହୋଇଛି। ସଂଘବଦ୍ଧ ଆକ୍ରମଣରେ ଫେରାର ଅଭିଯୁକ୍ତ ଖଗେଶ୍ୱର ନାୟକ (୩୩) ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଖଗେଶ୍ୱରଙ୍କ ନାମରେ ବନ କର୍ମଚାରୀ ଏବଂ ଗ୍ରାମର ଅନ୍ୟ କେତେଜଣ ଲୋକଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା ସେହିଦିନଠାରୁ ଅଭିଯୁକ୍ତ ଫେରାର ଥିଲେ। ଏହି ଘଟଣାକୁ ନେଇ ରବିବାର ପୁଣି ଗଣ୍ଡଗୋଳ ହୋଇଥିଲା। ଗ୍ରାମର କେତେଜଣଙ୍କ ଆକ୍ରମଣରେ ଖଗେଶ୍ୱର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭୁବନ ମେଡିକାଲକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ହେଲେ ଯୋଗାଯୋଗ କରିବା ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ସେବା ମିଳି ନ ଥିଲା। ରୋଗୀ କଲ୍ୟାଣ ସମିତି ଗାଡ଼ିର ଇନ୍ସୁ୍ୟରାନ୍ସ ନ ଥିବାରୁ ରୋଗୀଙ୍କୁ ସ୍ଥାନାନ୍ତର କରିବାରେ ବିଳମ୍ବ ହୋଇଥିଲା। ଏ ନେଇ ଥାନାରେ କୌଣସି ମାମଲା ହୋଇନାହିଁ। ପୋଲିସ ମାମଲାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଛି। ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ରମେଶ ଚନ୍ଦ୍ର ସାହୁ କୁହନ୍ତି, ୨୭ ତାରିଖରୁ ଆମ୍ବୁଲାନ୍ସର ଇନ୍ସ୍ୟୁରାନ୍ସ ଅବଧି ଶେଷ ହୋଇଯାଇଛି। ସୋମବାର ଏହାର ନବୀକରଣ କରାଯିବ।

# ବଢୁଛି ଚୋରା ମଦ କାରବାର

**କାମାକ୍ଷାନଗର, ୨୯।୯(ଡି.ଏନ୍.ଏ.)**

**କାମାକ୍ଷାନଗର ଉପଖଣ୍ଡ**
- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ
- ବିରୋଧ କଲେ ମିଳୁଛି ଧମକଚମକ
- ଦବିଯାଉଛି ନିଶା ବିରୋଧୀ ଆନ୍ଦୋଳନ ସ୍ୱର

ପୋଲିସ ଏବଂ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ କାମାକ୍ଷାନଗର ଉପଖଣ୍ଡରେ ଅବାଧ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ମଦ ଯୋଗୁ ଗଣ୍ଡଗୋଳ, ଅସାମାଜିକ କାର୍ଯ୍ୟ ବଢୁଛି। ନିଶାଡ଼ିଙ୍କ ଉପଦ୍ରବ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ମହିଳା ଗୋଷ୍ଠୀ ମଦବିକ୍ରିକୁ ବିରୋଧ କଲେ ଧମକ ମିଳୁଥିବା ଅଭିଯୋଗ ହେଉଛି। ଏହି କାରଣରୁ ନିଶା ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶିଥିଳ ପଡ଼ିଯାଉଛି।

ଅଞ୍ଚଳରେ ମଦ କାରବାର ନୂଆ କଥା ନୁହେଁ। ମଦ ପାଇଁ ପରିବାରରେ ସୁଖଶାନ୍ତି ହଜିଯାଉଛି। ଗଣ୍ଡଗୋଳ ନିତିଦିନିଆ ଘଟଣା ହୋଇଛି। ଅସାମାଜିକଙ୍କ ଦୌରାତ୍ମ୍ୟରେ ଝିଅବୋହୂ ରାସ୍ତାରେ ଚାଲିବା ମୁସ୍କିଲ ହୋଇଗଲାଣି। ପୋଲିସ ଏବଂ ଅବକାରୀ ବିଭାଗ ଉପରୁ ଆସ୍ଥା ହରାଇ ଗତ ୨୧ ତାରିଖରେ କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ଗ୍ରାମର ଶତାଧିକ ମହିଳା ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କୁ ଫେରାଦ ହୋଇଥିଲେ। ଏହା ପରେ ବି ମଦବିକ୍ରି ରୋକିବାକୁ ପଦକ୍ଷେପ ନିଆଯାଉନାହିଁ।

ଅଭିଯୋଗ ଅନୁଯାୟୀ, କାମାକ୍ଷାନଗର, କଙ୍କଡ଼ାହାଡ଼, ଭୁବନ, ପରଜଙ୍ଗ ଅଞ୍ଚଳରେ ସରକାରୀ ଦେଶୀ ମଦଭାଟି ନାମକୁ ମାତ୍ର ରହିଛି। ଭାଟିରୁ ମଦ ପ୍ରସ୍ତୁତି ପରେ ଏହାକୁ ଅଭ୍ୟନ୍ତରୀଣ ଗ୍ରାମକୁ ଯୋଜନାବଦ୍ଧ ଭାବେ ପହଞ୍ଚାଇ ଦିଆଯାଉଛି। ପ୍ରତି ଗ୍ରାମରେ ଥିବା ବ୍ୟବସାୟୀମାନେ ମଦ କାରବାରକୁ ପ୍ରଶ୍ରୟ ଦେଉଛନ୍ତି। ଅନୁରୂପ ଭାବେ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରୁ ଢାବା, ପାନ ଦୋକାନ, ପରିବା ଦୋକାନ, ତେଜରାତି ଦୋକାନକୁ ମଦ ଯୋଗାଇ ଦିଆଯାଉଛି। ଅଞ୍ଚଳର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏହି କାରବାରରେ ଲିପ୍ତ ଅଛନ୍ତି। ସେମାନଙ୍କ ବିରୋଧରେ ସ୍ୱର ଉଠାଉଥିବା ବ୍ୟକ୍ତି, ଅନୁଷ୍ଠାନକୁ ଧମକଚମକ ମିଳୁଛି। କେତେଜଣ ନ୍ୟସ୍ତସ୍ୱାର୍ଥ ସରକାରୀ କର୍ମଚାରୀ ଏପରି ବେଆଇନ କାରବାରରେ ସମ୍ପୃକ୍ତ ଥିବାରୁ ମଦ ବ୍ୟବସାୟୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଛି। ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ କହିଛନ୍ତି।

ଏ ନେଇ ଉପଖଣ୍ଡ ଦାୟିତ୍ୱରେ ଥିବା ଅବକାରୀ ଏସ୍‌ଆଇ ସ୍ୱପ୍ନାରାଣୀ ସାହୁ କୁହନ୍ତି, ଅଭିଯୋଗ ଆସିଲେ ଯଥାସମ୍ଭବ ଚଢ଼ାଉ କରାଯାଉଛି। ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନଗୁଡ଼ିକରେ ମଦବିକ୍ରି କରିବା ନିୟମ ଅଛି। ଏହାକୁ ଉଲ୍ଲଂଘନ କରି ଅଣସ୍ୱୀକୃତିପ୍ରାପ୍ତ ସ୍ଥାନରେ ମଦବିକ୍ରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅନ୍ୟମାନେ।

**ଭୁବନ, ୨୯।୯(ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଭୁବନ ପୂର୍ତ୍ତ ବିଭାଗ ପକ୍ଷରୁ ୧୧ ତାରିଖରୁ ଆରମ୍ଭ ହୋଇଛି 'ସ୍ୱଚ୍ଛତା ହିଁ ସେବା ଅଭିଯାନ'। ଏହା ଅକ୍ଟୋବର ୨ ଯାଏ ଚାଲିବ। ଏହି ଅବସରରେ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧିକାରୀ ଏବଂ କର୍ମଚାରୀମାନେ ନୂଆବଜାର, କାଳୀବଜାର, ନୀଳକଣ୍ଠପୁର, ମହୁଲପାଳ ହାଟଛକ, ଅନନ୍ତପୁର ଛକରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ଏଥିସହ ପଲିଥିନ ବଦଳରେ ପେପର ବ୍ୟାଗ୍ ବ୍ୟବହାର କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା।

କାମାକ୍ଷାନଗର ଉପନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତୁଷାରକାନ୍ତି ପଟ୍ଟନାୟକ, ପ୍ରୀତମ ମହାରଥୀ, ସଞ୍ଜୟ ପୋଥାଳ, ସୁଶାନ୍ତ ବେହେରାଙ୍କ ସମେତ ଅଞ୍ଚଳର ବହୁ ଯୁବକ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଓଜେଡିର ଜିଲା କାର୍ଯ୍ୟକାରିଣୀ ବୈଠକ

# 'ସଙ୍ଗଠନ ମଜଭୁତ କରାଯିବ'

**ଢେଙ୍କାନାଳ ଅଫିସ, ୨୯।୯**




ବୈଠକରେ ଦଳର କର୍ମକର୍ତ୍ତାମାନେ।

ଓଡ଼ିଶା ଜାଗୃତି ଦଳ (ଓଜେଡି)ର ଜିଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିନୋଦ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଭଜମନ ବିଶ୍ୱାଳ, ଆବାହକ ଗିରିଜା ମହାନ୍ତି, ରାଜ୍ୟ ଛାତ୍ର ସଭାପତି ସୋମନାଥ ରାଉତ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ରାମକୃଷ୍ଣ ବେହେରା, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ରାଜ୍ୟ କୃଷକ ସେଲ୍ ସଭାପତି ମେଘନାଦ ନନ୍ଦ, ଆଇଟି ସେଲ ରାଜ୍ୟ ସଂଯୋଜକ ଜୟନ୍ତ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ପଞ୍ଚାୟତସ୍ତରରୁ ସଙ୍ଗଠନକୁ ମଜଭୁତ କରିବା, ଲୋକଙ୍କ ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏସବୁ କାର୍ଯ୍ୟକ୍ରମକୁ ସମସ୍ତ ଛାମୁଆ ସଙ୍ଗଠନ ନିଷ୍ଠାର ସହ କରିବାକୁ ପରାମର୍ଶ ଦିଆଯାଇଛି। ଅକ୍ଟୋବର ୨ରୁ ଜାନୁୟାରୀ ୧ ଯାଏ ଅନାଦେୟ ସଭ୍ୟ ସଂଗ୍ରହ କରାଯିବ। ନିର୍ଦ୍ଧାରିତ ସମୟରେ ସବୁ ଜିଲାରେ କାର୍ଯ୍ୟକାରିଣୀ ବୈଠକ ଶେଷ ହେବ। ଜାନୁୟାରୀ ୧ରୁ ମାର୍ଚ୍ଚ ୩୦ ମଧ୍ୟରେ ପ୍ରଶିକ୍ଷଣ ଶିବିର ଏବଂ ଏପ୍ରିଲ ୧ରୁ ୨୮ ଯାଏ ସ୍ୱାଭିମାନ ଜାଗୃତି ଯାତ୍ରା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।

ଯୁବ ସଭାପତି ଆଶିଷ ପାଲ, ଛାତ୍ର ସଭାପତି ସୁମନ ଦେହୁରୀ, ମହିଳା ସଭାନେତ୍ରୀ ତୃପ୍ତିମୟୀ ଦେବୀ, ସଂଖ୍ୟାଲଘୁ ସେଲ୍ ସଭାପତି ପ୍ରେମାନନ୍ଦ ବିହାରୀ, ଜାତୀୟ ଜନଜାତି ସେଲ୍ ସଭାପତି ବେଣୁଧର ନାୟକ, ଶ୍ରମିକ ଓ କୃଷକ ସେଲ୍ ସଭାପତି ବିନୋଦ ବିହାରୀ ମଲ୍ଲିକ, ଅନୁଗୋଳ ଜିଲା ସଭାପତି ବିଘ୍ନେଶ୍ୱର ସାହୁ, ଜଗତ୍‌ସିଂହପୁର ଜିଲା ସଭାପତି ନରୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସଭାପତି ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ହାଟରୁ ଧରାପଡ଼ିଲେ ୩ ପକେଟମାର୍

**ଭାପୁର, ୨୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ଥାନା ଭାପୁର ମେଡିକାଲ ଛକ ନିକଟ ପରିବା ହାଟରୁ ରବିବାର ପକେଟମାର କରୁଥିବା ୩ଜଣଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ଯୁବକ ଦ୍ୱୟ ହେଲେ ଅରୁଣ ପ୍ରଧାନ (୧୮), ରବୀନ୍ଦ୍ର ପ୍ରଧାନ (୧୮)। ନାବାଳକଙ୍କ ବୟସ ୧୩ ବର୍ଷ। ସମସ୍ତେ ଯାଜପୁର ରୋଡ୍ ଅଞ୍ଚଳର। ସେମାନେ ଆଠଗଡ଼ ବଜାରରେ ରହୁଥିବା ପଚରାଉଚୁରା ବେଳେ ପୋଲିସକୁ କହିଛନ୍ତି। ହେଲେ ସେମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ସତ୍ୟାସତ୍ୟ ଜାଣିବାକୁ ଖୋଳତାଡ଼ ଜାରି ରଖିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସକାଳେ ହାଟ ସ୍ୱାଭାବିକ ଭାବେ ଚାଲିଥିଲା। ଏହି ସମୟରେ ଦୁଇଜଣ ଗ୍ରାହକଙ୍କ ପକେଟରୁ ଟଙ୍କା ଉଭାନ ହୋଇଯାଇଥିଲା। ଏହି ଘଟଣା ପରେ ସନ୍ଦେହ ଘେରକୁ ଆସିଥିଲେ ସମ୍ପୃକ୍ତ ଅଭିଯୁକ୍ତ। ସେମାନଙ୍କୁ କେତେଜଣ ଯୁବକ ପିଛା କରି କାବୁ କରିଥିଲେ। ଏହାପରେ ଖୁଣ୍ଟରେ ବାନ୍ଧି ନିର୍ଘୁମ ଛେଚି ପୋଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କା, ଏଟିଏମ୍ କାର୍ଡ ଜବତ କରାଯାଇଛି। କିଛିଦିନ ହେଲା ନୂଆହାଟ, ଭାପୁର ହାଟରୁ ଚୋରି ବଢ଼ିବାରେ ଲାଗିଥିଲା। ୩ ଅଭିଯୁକ୍ତ ଧରାପଡ଼ିବା ପରେ ଅଞ୍ଚଳବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଅଭିଯୁକ୍ତଙ୍କୁ ପଚରାଉଚୁରା ପରେ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଡ଼ିହାରୀ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ନବରାତ୍ର ପୂଜା



ରାଧାକୃଷ୍ଣ ବଜାରରେ ନବରାତ୍ର ଉପଲକ୍ଷେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

**ଢେଙ୍କାନାଳ ଅଫିସ, ୨୯।୯**

ସ୍ଥାନୀୟ ରାଧାକୃଷ୍ଣ ବଜାରରେ ରବିବାରଠାରୁ ଆରମ୍ଭ ହୋଇଛି ନବରାତ୍ର ପୂଜା। ନବଦୁର୍ଗା ପୂଜା ସାଂସ୍କୃତିକ କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ୮ ତାରିଖ ଯାଏ ଚାଲିବ। ପ୍ରଥମ ଦିନରେ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ଆସି ପୂଜା ମଣ୍ଡପରେ ପହଞ୍ଚିବା ପରେ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ପୂଜାରେ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସଭାପତି ପ୍ରମୋଦ କୁମାର ଓଝା ସୂଚନା ଦେଇଛନ୍ତି।

ସେହିପରି କୈବଲ୍ୟ ବଜାରସ୍ଥିତ ମା' ଗାୟତ୍ରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଆସନ୍ତା ୭ତାରିଖରେ ପୂର୍ଣ୍ଣାହୁତି ହେବ। ଏହି ଉପଲକ୍ଷେ ଦୈନିକ ହୋମଯଜ୍ଞ କରାଯାଉଛି। ସନ୍ଧ୍ୟାରେ ଦୀପଯଜ୍ଞ, ଆଳତି ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଶେଷ ଦିବସରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାଖାର ବାନପ୍ରସ୍ଥ ପ୍ରେମାନନ୍ଦ ଶତପଥୀ ସୂଚନା ଦେଇଛନ୍ତି।

# ଶିକ୍ଷାର୍ଥୀ ହେଉଛନ୍ତି ରାଷ୍ଟ୍ରନିର୍ମାତା

**ସାତମାଇଲ, ୨୯।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର 'ବିଦ୍ୟାର୍ଥୀ ପୋଷଣ ପର୍ବ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଇଂ. ଅଭିରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଖଣି ଉପନିର୍ଦ୍ଦେଶକ ଜୟନ୍ତ କୁମାର ପ୍ରଧାନ ଉଦ୍‌ଘାଟନ କରି କହିଲେ, ଶିକ୍ଷାର୍ଥୀ ହେଉଛନ୍ତି ରାଷ୍ଟ୍ରନିର୍ମାତା। ଛାତ୍ରୀଛାତ୍ରମାନେ ବିଦ୍ୟାନୁରାଗୀ ହେବା ଉଚିତ। ଆଚାର୍ଯ୍ୟାଆଚାର୍ଯ୍ୟମାନେ ପିଲାଙ୍କୁ ନିଜର ସନ୍ତାନ ଭଳି ଭାବି ଯତ୍ନନେଲେ ସେମାନେ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ବାହାରିବେ। ଏହି କାର୍ଯ୍ୟରେ ଅଭିଭାବକମାନେ ମଧ୍ୟ ସମାନ ଭାବରେ ଉତ୍ତରଦାୟୀ ବୋଲି ମୁଖ୍ୟଅତିଥି ମତ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା କୀର୍ତ୍ତିମୟୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ

# କ୍ୱାର୍ଟରରେ ମା' ମଙ୍ଗଳା କ୍ଲବ




ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୯।୯**

ଢେଙ୍କାନାଳ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୟୁନାଇଟେଡ କ୍ଲବକୁ ୫-୨ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି କଟକ ମା' ମଙ୍ଗଳା କ୍ଲବ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିଜୟୀ ଦଳର ଦୀନବନ୍ଧୁ ଦାସଙ୍କୁ ପ୍ରକାଶ ସେଠୀ ପୁରସ୍କୃତ କରିଥିଲେ। କିଷାନ ଦାସ, ସୁବ୍ରତ ପୁରୋହିତ, ଅରୁଣ ନାୟକ, ଅନିଲ ନନ୍ଦ, ମାୟାଧର ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

ମୁଖ୍ୟଅତିଥି ଭାବେ ଓସିଏର ନବନିର୍ବାଚିତ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଗୌରାଙ୍ଗ ସେଠୀ, ପ୍ରତାପ ମହାନ୍ତି, ସୁନୀଲ ପଣ୍ଡା, ପ୍ରଦ୍ୟୁମ୍ନ ପାଢ଼ୀ, ସୌଭାଗ୍ୟ ସାହୁ, ପର୍ଶୁରାମ ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ପ୍ରେମାନନ୍ଦ ବିହାରୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ। ସୋମବାର ଝାଡ଼ଖଣ୍ଡ ଧାନବାଦ ଫୁଟବଲ ଏକାଡେମୀ ଏବଂ ନୟାଗଡ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ସଚେତନ ନାଗରିକ ଫୋରମ୍‌ର ବୈଠକ

# ପରିବେଶ ସୁରକ୍ଷାକୁ ଅଗ୍ରାଧିକାର

**ଢେଙ୍କାନାଳ ଅଫିସ, ୨୯।୯**



ବୈଠକରେ ଫୋରମ୍‌ର କର୍ମକର୍ତ୍ତାମାନେ।

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ଭାଗୀରଥିସାଗର ନିକଟ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ପଙ୍କଜ ନାୟକ, ଅଖିଳ ମହାପାତ୍ର, ସମ୍ପାଦକ ଭରତଦାସ, ଯୁଗ୍ମସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ସ୍ୱଚ୍ଛତା ରକ୍ଷା, ଚାରାରୋପଣ, ପରିବେଶ ସୁରକ୍ଷାକୁ ଫୋରମ୍ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି। ଏପରି ଜନହିତକର କାର୍ଯ୍ୟକ୍ରମକୁ ଆଗକୁ ମଧ୍ୟ ପ୍ରାଥମିକତା ଦିଆଯିବ। ଏଥିସହ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ। ବରପୁତ୍ର, ସଂଗ୍ରାମୀଙ୍କ ପୁଣ୍ୟତିଥି ଏବଂ ଜୟନ୍ତୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଅବସରରେ ସରୋଜ ଶତପଥୀ, ପର୍ଶୁରାମ ମହାଭୋଇଙ୍କୁ ଜିଲା କାର୍ଯ୍ୟକାରିଣୀରେ ସାମିଲ କରାଯାଇଥିଲା। ସେହିପରି ପୌରାଞ୍ଚଳ ଶାଖା ସଭାପତି ଭାବେ ରୁଦ୍ରପ୍ରକାଶ ଶରଣ, ଉପସଭାପତି ଚକ୍ରଧର ତରାଇ, ବିଶ୍ୱନାଥ ମହାପାତ୍ର, କାମେଶ୍ୱର ପଣ୍ଡା, ସାଧାରଣ ସମ୍ପାଦକ ଭାବେ ଦୟାନିଧି ବେହେରା, ଯୁଗ୍ମ ସମ୍ପାଦକ ଅଜୟ ମିଶ୍ର, ରଞ୍ଜିତ୍ ପାଣିଗ୍ରାହୀ, ସୁରେନ୍ଦ୍ର ସ୍ୱାଇଁ ଏବଂ ମହିଳା ସଂଯୋଜିକା ଭାବେ ପାଲାଗାୟିକା ସୁଧାରାଣୀ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ଗଁଦିଆ ବ୍ଲକ ଶାଖା ସଭାପତି ଭାବେ ଗଣେଶ୍ୱର ପ୍ରଧାନ, ଉପସଭାପତି ଅନ୍ନଦାଶଙ୍କର ପତି, ସାଧାରଣ ସମ୍ପାଦକ ବିଦ୍ୟାଧର ସାହୁ, ଯୁଗ୍ମ ସମ୍ପାଦକ ସରୋଜ ମଲ୍ଲିକ ଏବଂ ମହିଳା ସଂଯୋଜିକା ଭାବେ ରଶ୍ମିତା ରାଉତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ସଦର ବ୍ଲକ ସଭାପତି ଭାବେ ଆଡଭୋକେଟ୍ ଅର୍ଜୁନ ସାହୁ, ମହିଳା ସଂଯୋଜିକା ସ୍ମିତାରାଣୀ ସାମଲ, ଓଡ଼ାପଡ଼ା ବ୍ଲକ୍ ସଭାପତି ବାମଦେବ ପରିଡ଼ା, ସାଧାରଣ ସମ୍ପାଦକ ସୁଶୀଲ ପରିଡ଼ା, ଉପସଭାନେତ୍ରୀ ପ୍ରମିଳା ଜେନା, ଯୁଗ୍ମ ସମ୍ପାଦିକା ଟିକାରାଣୀ ନାୟକ, ବ୍ଲକ ମହିଳା ସଂଯୋଜିକା ଭାବେ ସଦାଶିବପୁର ସମିତିସଭ୍ୟା ଧରିତ୍ରୀ ମଲ୍ଲିକଙ୍କୁ ଚୟନ କରାଯାଇଛି।

## ସଂକ୍ଷେପରେ

### ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି



ବଇଣ୍ଡା, ୨୯।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ପାପସରା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚଳିତ ବର୍ଷ ୧୨୦ ତମ ବାର୍ଷିକ ଉତ୍ସବ ପାଳନ କରାଯିବ। ଏ ନେଇ ଗ୍ରାମବାସୀ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାର ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୌରଚନ୍ଦ୍ର ପ୍ରଧାନ, ହରିହର ପ୍ରଧାନ, ଯଜ୍ଞେଶ୍ୱର ପ୍ରଧାନ, ଶୁଭ୍ରଜିତ ସାହୁ, ସାନନ୍ଦ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ପରମାନନ୍ଦ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସୁବର୍ଣ୍ଣଜୟନ୍ତୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ହରିହର ସାହୁ, ଉପସଭାପତି ଭାବେ ବିପିନ ବିହାରୀ ବେହେରା, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ସରୋଜ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା।

### ୨ ନଭେମ୍ବରରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ବଇଣ୍ଡା,୨୯।୯(ଡି.ଏନ.ଏ.)- ଆସନ୍ତା ନଭେମ୍ବର ୨ରେ ୧୨ ଦଫା ଦାବିରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଆଠମଲ୍ଲିକ ପାଚିକା ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ ଠାକୁରଗଡ଼ଠାରେ ୭ଟି ପଞ୍ଚାୟତର ପାଚିକାମାନଙ୍କୁ ନେଇ ରବିବାର ଏକ ବୈଠକ ବସିଥିଲା। ଦୁତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାଚିକା ସଂଘର ଜିଲା ଆବାହକ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ବିଜୁଳି ସାହୁ, ଚାରୁଲତା ସାହୁ, ନନ୍ଦିନୀ ବାଘ, ରଶ୍ମିତା ଭୋଇଙ୍କ ସମେତ ବହୁ ପାଚିକା ଯୋଗ ଦେଇଥିଲେ। ସ୍ଥାୟୀ ଚାକିରି ସହ ନିୟମିତ ଦରମା, ପେନ୍‌ସନ ପ୍ରଦାନ ଆଦି ସହ ଅନ୍ୟାନ୍ୟ ଦାବି ପୂରଣ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ବିଘ୍ନେଶ୍ୱର ଓଡ଼ିଶା ଜାଗୃତି ଦଳର ଜିଲା ସଭାପତି




ତାଳଚେର,୨୯।୯(ନି.ପ୍ର.)- ଓଡ଼ିଶା ଜାଗୃତି ଦଳର ଅନୁଗୋଳ ଜିଲା ସଭାପତି ଭାବେ ତାଳଚେରର ଯୁବ ସଂଗଠକ ବିଘ୍ନେଶ୍ୱର ସାହୁଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କ ସହମତି କ୍ରମେ ତାଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ରବିବାର ଢେଙ୍କାନାଳ ବିନୋଦ ମଣ୍ଡପଠାରେ ଆୟୋଜିତ ଏକ ସଭାରେ ଦଳ ପକ୍ଷରୁ ବିଘ୍ନେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଭାପତି ଭଜମନ ବିଶ୍ୱାଳ, ରାଜ୍ୟ ଆବାହକ ଗିରିଜା ପ୍ରସାଦ ମହାନ୍ତି, ରାଜ୍ୟ କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ଦ୍ୱିବେଦୀ, ରାଜ୍ୟ ସମ୍ପାଦକ ମାନସ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାମ, ସମସ୍ୟା ପ୍ରତି ସେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

### ପୋଲିସର ଗିରଫଦାରିକୁ ନିନ୍ଦା

ଅନୁଗୋଳ ଅଫିସ, ୨୯।୯- ଅନୁଗୋଳ ମେଡିକାଲରେ ୪ ଜଣ ସାମାଜିକ କର୍ମୀଙ୍କୁ ଦଲାଲ୍ କହି ପୋଲିସ ସେମାନଙ୍କୁ ଗିରଫ କରିଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ରବିବାର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅମଲାପଡ଼ା ସ୍ଥିତ ବାସନ୍ତୀ ଦୁର୍ଗାପୂଜା ପଡ଼ିଆ ଠାରେ ଏକ ବୈଠକ ବସିଥିଲା। ଏହି ଗିରଫଦାରୀକୁ ବୈଠକରେ ନିନ୍ଦା କରାଯିବା ସହ ଏହାର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ସୋମବାର ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭବାନୀ ଶଙ୍କର ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନୁଗୋଳ ମେଡ଼ିକାଲରେ ବିଭିନ୍ନ ଲୋକଙ୍କୁ ଘରୋଇ ନର୍ସିଂହୋମରେ ଚିକିତ୍ସା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ଗତ ୨୭ ତାରିଖରେ ୪ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା।

■ କେନ୍ଦ୍ରୀୟ ପୂଜା କମିଟି ବୈଠକ

# ଭସାଣିରେ ବାଜିବନି ଡିଜେ



ବୈଠକରେ ଯୋଗ ଦେଇଥିବା କେନ୍ଦ୍ରୀୟ ପୂଜା କମିଟିର କାର୍ଯ୍ୟକର୍ତ୍ତାମାନେ।

**ଅଶ୍ଳୀଳ ଗୀତ ନୃତ୍ୟ ଉପରେ ରୋକ**

ଅନୁଗୋଳ ଅଫିସ, ୨୯।୯

ଆସନ୍ତା ଅକ୍ଟୋବର ୪ରେ ଅନୁଗୋଳ ସହରରେ ୧୨ଟି ମଣ୍ଡପରେ ଦୁର୍ଗା ପୂଜା ଅନୁଷ୍ଠିତ ହେବ। ସେହିପରି ୧୩ରେ ସହରର ୨୯ଟି ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଇବେ। ଏ ନେଇ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଜିଲା ଟ୍ରକ ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ସମସ୍ତ ପୂଜା କମିଟିର ସହମତି କ୍ରମେ ନିଷ୍ପତ୍ତି ହୋଇଛି। ସେହିପର ଭସାଣିରେ ଅଶ୍ଳୀଳ ଗୀତ ନୃତ୍ୟ ମଧ୍ୟ ପରିବେଷଣ ନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି।

କମିଟି ସଭାପତି ଅକ୍ଷୟ କୁମାର ସାମନ୍ତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା କିପରି ଭାବେ ଶାନ୍ତି ଶୃଙ୍ଖଳାର ଶେଷ ହେବ ସେଥିପାଇଁ କେନ୍ଦ୍ରୀୟ ପୂଜା କମିଟି ସମସ୍ତଙ୍କ ମତ ଲୋଡାଯାଇଥିଲା। ସମ୍ପାଦକ ଦିଲ୍ଲୀପ ପ୍ରଧାନ ବୈଠକ ପରିଚାଳନା କରିଥିଲେ। ପାର୍ବଣ ସମୟରେ ଭାଇଚାରା ବଜାୟ ରଖିବାକୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଛି। ପ୍ରତି ପୂଜା ମଣ୍ଡପ ଗୁଡ଼ିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'ଙ୍କ ମୂର୍ତ୍ତି ଗଢ଼ାଯାଉଛି। ଚଳିତଥର ପୂଜାରେ ଘଣ୍ଟ, ଘଣ୍ଟା, ମାର୍ଦ୍ଦଳ, ସିଂହ ବାଜା ପରିବେଷଣ ଭଳି ବିଭିନ୍ନ ସାଂସ୍କୃତିକ ଝଲକ ଦେଖିବାକୁ ମିଳିବ। ଲକ୍ଷ୍ମୀପୂଜା ଭସାଣି ପାଇଁ ଲଟେରି ବ୍ୟବସ୍ଥା କରାଯିବ। ଥାନା ଛକ ଠାରୁ ଲକ୍ଷ୍ମୀ ପୂଜାର ଭସାଣି ଆରମ୍ଭ ହୋଇ ବସଷ୍ଟାଣ୍ଡ, ବଜାର ଛକ ଦେଇ ମୂର୍ତ୍ତିଗୁଡ଼ିକ ମେଲଣ ପଡ଼ିଆକୁ ନିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଦୁର୍ଗା ପୂଜା ଭସାଣି ଅକ୍ଟୋବର ୯ ତାରିଖରେ ଆୟୋଜନ କରାଯିବ। ଏଥିରେ ମଧ୍ୟ ଡିଜେ ବାଜିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ପଲିଥିନ ମୁକ୍ତ ସହର କରିବା ପାଇଁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ମେଲଣ ପଡ଼ିଆକୁ ପରିଷ୍କାର ପରିଚ୍ଛନ୍ନ କରିବାକୁ ସେଣ୍ଟ୍ରାଲ ପୂଜା କମିଟି ପ୍ରଶାସନର ଦ୍ୱାରସ୍ଥ ହେବ ବୋଲି ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଲକ୍ଷ୍ମୀ ପୂଜା ମେଲଣରେ ମୋଟ ୧୨ଟି ପୂଜା କମିଟି ଭାଗ ନେବା ସହ ୩ଟି ପୂଜା କମିଟି ଆତସବାଜି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କେନ୍ଦ୍ରୀୟ କମିଟି ପକ୍ଷରୁ କୁହାଯାଇଛି। ଯେଉଁ ପୂଜା ମଣ୍ଡପଗୁଡ଼ିକ ମେଲଣରେ ଭାଗ ନେବେ ନାହିଁ, ସେମାନେ ପୂର୍ବରୁ ସେଣ୍ଟ୍ରାଲ ପୂଜା କମିଟିକୁ ସେମାନଙ୍କ ଭସାଣି ରାସ୍ତା ଓ ସମୟ ସମ୍ପର୍କରେ ଅବଗତ କରିବାକୁ କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି କିଶୋର କୁମାର କର, ପଦ୍ମ ଚରଣ ସାହୁ, ସତ୍ୟାନନ୍ଦ ଦଳବେହେରା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସମ୍ପାଦକ ରତିକାନ୍ତ ଦାସ, ଅଶୋକ ଅଗ୍ରୱାଲ, ଲକ୍ଷ୍ମୀଧର ଜେନା, ଅଶୋକ କୁମାର ଅଗ୍ରୱାଲ ପ୍ରମୁଖଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସେଣ୍ଟ୍ରାଲ କମିଟିର ସଭାପତି ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ଉପସଭାପତି ଅକ୍ଷୟ କୁମାର ସାମନ୍ତଙ୍କୁ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ଦିର ରତ୍ନମୁଦ ଉତ୍ସବ



ପାଲଲହଡା,୨୯।୯(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ସଦର ମହକୁମାଠାରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଦେବୋତ୍ତର ବିଭାଗ ପକ୍ଷରୁ ନୂତନ ଭାବେ ନିର୍ମିତ ହୋଇଥିବା ମା' ଲକ୍ଷ୍ମୀ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ନୀତିକାନ୍ତି କରାଯାଇ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଲଲହଡା ରାଜା ରାମଚନ୍ଦ୍ର ମୁନିପାଲ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ବିଭାଗ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଦେବୋତ୍ତର ପରିଚାଳକ ଜଳଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗ ଦେଇଥିଲେ।

## ଦୁର୍ଗାମାଧବ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

ବଣ୍ଟାଁରପାଳ, ୨୯।୯ (ଡି.ଏନ୍.ଏ)



ବଣ୍ଟାଁରପାଳ ବ୍ଲକ ତଳମୂଳ ସ୍ଥିତ ଦୁର୍ଗାମାଧବଙ୍କ ମନ୍ଦିରରେ ରବିବାରଠାରୁ ମା' ଦୁର୍ଗାଙ୍କର ନବରାତ୍ର ପୂଜା ଆରମ୍ଭ ହୋଇଛି। ମାଜଣା ପର୍ବ ସହ ଠାକୁରାଣୀଙ୍କ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ଦେବୀଙ୍କ ଖଡ଼ଗ ପୂଜା ଆରମ୍ଭ ହୋଇ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିଥାଏ। ୯ ଦିନ ଧରି ଦେବୀ ଦୁର୍ଗା ୯ଟି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ରବିବାର ଷୋଳପୁତ୍ରି ବେଶରେ ଠାକୁରାଣୀଙ୍କୁ ସଜ୍ଜିତ କରାଯାଇଥିଲା। ସୋମବାର ବ୍ରହ୍ମତାରିଣୀ, ମଙ୍ଗଳବାର ଚନ୍ଦ୍ରଘଣ୍ଟ, ବୁଧବାର କୁସୁମନ୍ଦ, ଗୁରୁବାର ସିଦ୍ଧମାତା ବେଶରେ ଦେବୀଙ୍କୁ ସଜ୍ଜିତ କରାଯିବ। ସେହିପରି ଷଷ୍ଠୀରେ କାନ୍ତାୟନୀ, ସପ୍ତମୀରେ କାଳରାତ୍ରି, ଅଷ୍ଟମୀରେ ମହାଗୌରୀ, ନବମୀରେ ସିଦ୍ଧରାତ୍ରି ଓ ଦଶମୀରେ ମା'ଙ୍କୁ ମହିଷ ମର୍ଦ୍ଦିନୀ ବେଶରେ ସଜାଯିବ। ନବମୀରେ କନକ ଦୁର୍ଗା ଓ ଦୁର୍ଗାଙ୍କର ମହାମିଳନ ଅନୁଷ୍ଠିତ ହେବ। ଦଶମୀରେ ଦଶହରା ପାଳିତ ହେବ।

# ଲୋକ ମହୋତ୍ସବ ଉପଲକ୍ଷେ ପ୍ରତିଯୋଗିତା

କଣିହାଁ,୨୯।୯(ଡି.ଏନ.ଏ.)



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

କଣିହାଁ ବ୍ଲକ ବିଜିଗୋଳ ରାମ ମନ୍ଦିର ପଡ଼ିଆରେ ନଭେମ୍ବର ୧୪ ତାରିଖରୁ ୨୨ ପର୍ଯ୍ୟନ୍ତ ପବିତ୍ରମୋହନ ନାଗରିକ ମଞ୍ଚ ସହଯୋଗୀ ଓ କର୍ପୋରେଟ ସଂସ୍ଥାର ଆନୁକୂଲ୍ୟରେ ୨ୟ ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବ୍ଲକର ଶତାଧିକ ବିଦ୍ୟାଳୟ ସମେତ ଯୁକ୍ତ ୨ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ବିଜିଗୋଳ ପଞ୍ଚାୟତ ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ଶିକ୍ଷାବିତ୍ ନୀଳମଣି ପ୍ରଧାନ, ନାଗରିକ ମଞ୍ଚ ସଭାପତି ମନୋଜ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବିଚାରକ ଭାବେ ପ୍ରଶାନ୍ତ ସ୍ୱାଇଁ, ନିରୂପମା ଷଡ଼ଙ୍ଗୀ, ସାଗରିକା ମଲ୍ଲିକ, ବିଶ୍ୱନାଥ ପ୍ରଧାନ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମେଳା ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ତରଫରୁ ସୂଚନା ମିଳିଛି।

## ୬ କେଜି ପଲିଥିନ ଜବତ

ଅନୁଗୋଳ ଅଫିସ, ୨୯।୯

ଅନୁଗୋଳ ପୌରପାଳିକା ପକ୍ଷରୁ ରବିବାର ସକାଳୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ମୋଟ ୬ କେଜି ପଲିଥିନ ଜବତ କରିବା ସହ ୪ ହଜାର ୪ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ଚିତ୍ତରଞ୍ଜନ ସାହୁ, ବିଭୂତି ମହାରଣା, ଜୟନ୍ତ ପଣ୍ଡା ପ୍ରମୁଖ ମାଛ ମାର୍କେଟ, ହାଟ ଛକ, ସାପ୍ତାହିକ ହାଟରେ ଚଢ଼ାଉ କରିଥିଲେ। ସହରରେ ଆଦୌ ପଲିଥିନ ବ୍ୟବହାର ହୋଇପାରିବ ନାହିଁ ବୋଲି ପୌର ନିର୍ବାହୀ ଅଧିକାରୀ ବ୍ୟବସାୟୀମାନଙ୍କୁ ଚେତାବନୀ ଦେଇଛନ୍ତି। ତେବେ ବଜାରକୁ ଆସିଥିବା ନୂଆ ପଲିଥିନ ବ୍ୟବହାରକାରୀଙ୍କଠାରୁ କେବଳ ପଲିଥିନ ଜବତ କରାଯାଇଥିଲା। ସେମାନଙ୍କଠାରୁ ଜରିମାନା ଆଦାୟ କରା ନ ଯାଇ ଆଗକୁ ଏହାକୁ ବ୍ୟବହାର ନ କରିବାକୁ ଚେତାବନୀ ଦିଆଯାଇଛି। ଗାନ୍ଧୀ ଜୟନ୍ତୀ ପୂର୍ବରୁ ସହରକୁ ପଲିଥିନ ମୁକ୍ତ କରିବାକୁ ପୌରପ୍ରଶାସନ ଲକ୍ଷ୍ୟ ରଖିଥିବା ପୌର ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି। ଗାନ୍ଧୀ ଜୟନ୍ତୀ ପରେ ଚଢ଼ାଉ ଜୋରଦାର କରାଯିବ। ଜରିମାନା ଆଦାୟ ସହ ପଲିଥିନ ବିକ୍ରି କରୁଥିବା ଲୋକଙ୍କୁ ୩ ମାସ କାରାଦଣ୍ଡର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଭୂତାଣୁଜନିତ ରୋଗରେ ଗୋରୁ ଆକ୍ରାନ୍ତ

ବଣ୍ଟାଁରପାଳ,୨୯।୯(ଡି.ଏନ.ଏ.)

ବଣ୍ଟାଁରପାଳ ବ୍ଲକ ଗଡ଼ସନ୍ତ୍ରୀ ବୁଢ଼ାପଙ୍କ ନୂଆହତା ସମେତ ଆଖପାଖ ଅଞ୍ଚଳରେ କିଛିଦିନ ହେଲା ଅଜଣା ରୋଗରେ ଶତାଧିକ ଗୋରୁ ଭୂତାଣୁ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗୋରୁଙ୍କ ଶରୀରରେ ପ୍ରଥମେ ଫୋଟକା ହୋଇ କ୍ଷତ ସୃଷ୍ଟି ହେବା ସହ ଦେହସାରା ମାଡ଼ି ଯାଉଛି। ନୂଆହତା, ସନ୍ତ୍ରୀ, ବୁଢ଼ାପଙ୍କ ସମେତ ବହୁ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଠିକ ଭାବେ ଗୋରୁଙ୍କ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ପ୍ରାଣୀ ଚିକିତ୍ସକ ବସନ୍ତ କୁମାର ସାହୁ କହିଛନ୍ତି, ଏହା ଭୂତାଣୁ ଜନିତ ରୋଗ। ଏହାକୁ ଚର୍ମ ବିଣ୍ଡି ରୋଗ ବୋଲି କୁହାଯାଉଛି। ନିରାକରଣ ପାଇଁ କୌଣସି ଟିକା ତିଆରି ହୋଇ ନାହିଁ। ଗୋରୁଙ୍କ ଚିକିତ୍ସା କରାଯାଉଛି।

# ଜରପଡାଠାରେ ଟ୍ରେନ ରହଣି ନିମନ୍ତେ ଦାବିପତ୍ର

ଛେଣ୍ଡିପଦା,୨୯।୯(ଡି.ଏନ.ଏ.)

ସମ୍ବଲପୁର ରେଲୱେ ଡିଭିଜନ ଅନ୍ତର୍ଗତ ଅନୁଗୋଳ-ସମ୍ବଲପୁର ରେଳପଥର ଛେଣ୍ଡିପଦା ବ୍ଲକ ଜରପଡା ରେଲୱେ ଷ୍ଟେଶନଠାରେ ରାଉରକେଲା-ଭୁବନେଶ୍ୱର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ଜରପଡା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସମ୍ବଲପୁର ରେଲୱେ ଡିଭିଜନାଲ ମ୍ୟାନେଜର, ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱର ଚିଫ ଜେନେରାଲ ମ୍ୟାନେଜରଙ୍କ ସମେତ ଜିଲା ପ୍ରଶାସନ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜରପଡା ଷ୍ଟେଶନ ଉପରେ ଛେଣ୍ଡିପଦା ସମେତ ଅନୁଗୋଳ ବ୍ଲକ କୋଠଭୂଇଁ, ଟାଇସି, ଜଗନ୍ନାଥପୁର, ଅନ୍ତୁଳିଆ ପଞ୍ଚାୟତ, ଆଠମଲ୍ଲିକ ବ୍ଲକ ଟାପଡୋଲ, କନ୍ତପଡା ପଞ୍ଚାୟତ, ବଣ୍ଟାଁରପାଳ ବ୍ଲକ କଞ୍ଚରା, ଜରଡା, ବଡହିଂସର, ସାଆନ୍ତରାପୁର, ତୁବେ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ରେଳ ବିଭାଗ ପକ୍ଷରୁ ଏଠାରେ ରାଉରକେଲା-ଭୁବନେଶ୍ୱର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ପରିଷଦ ସଭାପତି ନାରାୟଣ ସାହୁ, ସମ୍ପାଦକ ପବିତ୍ର ମୋହନ ସାହୁ ଚେତାବନୀ ଦେଇଛନ୍ତି।

## ମା' କଳାପାଟଙ୍କ ନବରାତ୍ର ପୂଜା

ବନ୍ତଲା, ୨୯।୯ (ଡି.ଏନ୍.ଏ)

ଅନୁଗୋଳ ଗଡ଼ଜାତ ରାଜ୍ୟ ଅଧିଷ୍ଠାତ୍ରୀ ଦେବୀ ମା' କଳାପାଟଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ରବିବାର ଅପରାହ୍ନରେ ମନ୍ଦିର ମୁଖ୍ୟ ପୂଜକ ରାମଚନ୍ଦ୍ର ବିଶ୍ୱାଳ ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ଆଲମକୁ ପୀଠସ୍ଥଳୀ ତୁମୁଣୀଠାରୁ ବାଦ୍ୟ, ଘଣ୍ଟଘଣ୍ଟା, ଛତ୍ର ସହ ସେବାୟତମାନେ ପୁରୁଣାଗଡ଼ କନକଦୁର୍ଗା ମନ୍ଦିରକୁ ନେଇଥିଲେ। ଦଶହରା ପର୍ଯ୍ୟନ୍ତ ସେଠାରେ ମା' ପୂଜା ପାଇବେ। ଦଶହରା ମଧ୍ୟ ରାତ୍ରରେ ମା' କଳାପାଟ ନିଜ ମନ୍ଦିରକୁ ଫେରିବେ। ପୁରୋହିତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ, ମନ୍ଦିର ଆଦ୍ୟସେବକ ସୁଶାନ୍ତ କୁମାର ସିଂ, ଅଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼କେରା ଓ ମାଟିଆସାହି ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ଗିରଫଙ୍କୁ ଦୋଷମୁକ୍ତ କରାଯିବାକୁ ଦାବି



ବନ୍ତଲା, ୨୯।୯ (ଡି.ଏନ୍.ଏ)

ଅନୁଗୋଳ ମୁଖ୍ୟ ଡାକ୍ତରଖାନା ପରିସରରୁ ସାମାଜିକ କର୍ମୀ ପର୍ଶୁରାମ ଦାସଙ୍କୁ ପୋଲିସ ଦଲାଲ ଦର୍ଶାଇ ଗିରଫ କରିବାକୁ ଅନୁଗୋଳ ଜିଲା ଜର୍ନାଲିଷ୍ଟ ୟୁନିୟନ (ଏଡିୟୁଜେ) ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ରବିବାର ସ୍ଥାନୀୟ ପୂର୍ତ୍ତବଙ୍ଗଳା ଠାରେ ଏଡିୟୁଜେର କାର୍ଯ୍ୟକାରୀ ସଭାପତି ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ତୁରନ୍ତ ତାଙ୍କୁ ଦୋଷମୁକ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୋଲି ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଓ ସମ୍ପାଦକ ଅଶୋକ ନନ୍ଦ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳଙ୍କୁ ପ୍ରଦାନ କରାଯାଇଛି। ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଡିଆଇଜି ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୈଠକରେ ସଂଘର ଉପଦେଷ୍ଟା ସୁବାସ ସାହୁ, ବୀରେନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମାଣ୍ଡୋଠିଆ, ଉପସଭାପତି ଦିନେଶ କୁମାର ଦେହୁରୀ, ସନ୍ତୋଷ କୁମାର ମିଶ୍ର, ନିପୁ ଭୂତିଆ, ଜଗନ୍ନାଥ ବେହେରା, ତାପସ କୁମାର ଜେନା, ସ୍ୱାଧୀନ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ ଦେଖିବାକୁ ଭିଡ଼

ତାଳଚେର, ୨୯।୯(ନି.ପ୍ର.)



ମନ୍ଦିର ନିର୍ମାଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ମା'ଙ୍କ ଦର୍ଶନ ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ରବିବାର କଟକ ଝାଞ୍ଜିରମଙ୍ଗଳାସ୍ଥିତ ଜୟ ଜଗନ୍ନାଥ ଚେତନା, ପ୍ରଚାର ପ୍ରସାର ଓ ସାଂସ୍କୃତିକ ସଙ୍ଗଠନର ଶତାଧିକ ସଦସ୍ୟ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠକୁ ଆସି ମା'ଙ୍କ ଦର୍ଶନ କରିଛନ୍ତି। ଜଗନ୍ନାଥଙ୍କ ସତ୍‌ସଙ୍ଗ, ଭଜନ, କୀର୍ତ୍ତନ, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମନ୍ଦିର ପରିସରକୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ସଙ୍ଗଠନର ସଦସ୍ୟମାନେ ପ୍ରତ୍ୟେକ ମାସର ଶେଷ ରବିବାର ଓଡିଶାର ବିଭିନ୍ନ ଦେବାଦେବୀଙ୍କ ପୀଠକୁ ଯାଇ ଶ୍ରୀଜଗନ୍ନାଥଙ୍କ ଚେତନାକୁ ଜନମାନସରେ ଜାଗରଣ କରିବା ପାଇଁ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି ବୋଲି ସଙ୍ଗଠନର ଆବାହକ ହୃଦୟାନନ୍ଦ ରାଉତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ସାହୁ, ବିପ୍ରବର ପଣ୍ଡା, ଟୁନାଚନ୍ଦ୍ର ଦାସ, ବିବେକାନନ୍ଦ ସ୍ୱାଇଁ, ଭଜି ସାହୁ, ବ୍ରଜକିଶୋର ମହାରଣାଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଯାଜପୁର ଜିଲାର ଶଙ୍ଖଚିଲ ହିଙ୍ଗୁଳା ପୀଠରୁ ୧୩୦ଜଣ ଶ୍ରଦ୍ଧାଳୁ ଆସି ମା' ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ମା'ଙ୍କ ପୀଠରେ ନବରାତ୍ର ପୂଜା ରବିବାରଠାରୁ ଆରମ୍ଭ ହୋଇଯାଇଛି। ଆଗାମୀ ଦିନରେ ହିଙ୍ଗୁଳା ପୀଠ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ଖ୍ୟାତି ଲାଭ କରିବ ବୋଲି ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

